ଡିସେମ୍ବର -୨୦୧୮

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର





# କାକିରିଗୁମ୍ମା

## ସାବିତ୍ରୀ ପୁରୋହିତ

ସେଦିନ ବାଲକୋନି ରେ....
ଚା' କପ୍ ରେ ଚୁମୁକ୍ ଦେଉ ଦେଉ
ଫୋନ୍ ରେ ତୁମକୁ କହିଲି
ଶୀତକୁ ନେଇ କିଛି କୁହ ନା
ତମେ କହିଲ ....
ଶୀତ କ'ଣ ମୋ' କଥା ଶୁଣିବ ?
ଏବେ ତ ଶୀତ ଆକ୍ରାନ୍ତ....
ହକି ପଡ଼ିଆରେ....ହକି ଫେଭର୍ ରେ.... ।।

ହେଃ....ଜାଣିଛ ନା....
ଶୀତ ଗୌଣ ହେଇଯାଏ ରାଜଧାନୀ ରେ
ଶୀତ ଦେଖିବାର ଅଛି ଯଦି...
କାକିରିଗୁମ୍ମା ଘାଟି ଯାଅ
ଅଳସୀ ଫୁଲ...ଅଳସୀ ପାହାଡ଼
ଅଳସୀ ଦିନ ...ଅଳସୀ ରାତି
ପାହାଡ଼ି ଝିଅର ଅଳସୀ ଛାତି
କାକିରିଗୁମ୍ମା ଷ୍ଟେସନ ପାଖରେ
ଶୀତ ଏବେ ନିଆଁ ପୋଉଁଛି...
ବାଦାମ ବିକୁଛି ।।



ଭାରି ପ୍ରଗଲ୍‌ଭ ତୁମେ ସତରେ
ଶୀତ କଥା କହୁ କହୁ କହିଲ....
ଗୋଟେ ଗୁଡ୍ ନିଉଜ୍ ଶୁଣିବ ?
ନା....ମୋଟରୁ ନୁହେଁ
କାକିରିଗୁମ୍ମା...କାକିରିଗୁମ୍ମା...
ଓଃ...ହଉ ଶୁଣ
ଶାନ୍ତ ପ୍ରଶସ୍ତ ଉପତ୍ୟକା
ଆଖି ପାଇବନି
ଅଳସୀ ଫୁଲ...କାକର ବୁନ୍ଦା
ଅଙ୍କାବଙ୍କା ରେଳ ଧାରଣା
କନ୍ଧୁଣୀ ଖୋସାରେ ଜଙ୍ଗଲୀ ଫୁଲ
ଆଖିରେ ବହଳେ ଲାଜ....
ଅଣ୍ଟା ଭଙ୍ଗା ଛୁମୁକ୍ ଛୁମୁକ୍ ଚାଲି ।।

ଆଜିକାଲି ତୁମେ ଖୁବ୍ ବ୍ୟସ୍ତ ବୋଧେ
ତମ ସହ ତମ ଫୋନ୍ ବି
ହ୍ୟାଲୋ...ହ୍ୟାଲୋ...ହ୍ୟାଲୋ...
ଅଧାରେ କଟିଲା
ଶୀତ କଥା ବି ଅଧା ରହିଲା
ମନ କହୁଥିଲା ଶୁଣିବାକୁ
କାକିରିଗୁମ୍ମା...କାକିରିଗୁମ୍ମା..

ସମ୍ବଲପୁର

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ ଋତୁରେ ଗ୍ରାମୀଣ ଦୃଶ୍ୟ ଚିତ୍ରପଟ୍ଟ

ଅମ୍ବିକା ସ୍ୱାଇଁ

ବରଷକୁ ଆସେ ଆମ ଷଡ ଋତୁ
ନିଜର କର୍ତ୍ତବ୍ୟ କରି
ଖରା,ବର୍ଷା, ଶୀତ କାକର ମଳୟ
ସାଥେ ଆଣିଥାଏ ଧରି ।୧।

ଯାଇଛି ଶରତ ହେମନ୍ତ କୁ ଧରି
ଶୀତ ଯେ ଆସିଛି ଫେରି
ସୋରିଷ ଓ ଗେଣ୍ଡୁ ଫୁଲର ସମ୍ଭାର
ଫଳ ଆଣିଅଛି ଧରି ।୨।

ଶୀତ ର ଗ୍ରାମୀଣ ଦୃଶ୍ୟ ଚିତ୍ର ପଟ୍ଟ
ଲାଗେ ଭାରି ମନୋରମ
ଦେଖିଲେ ଆଖିରେ ଲାଖି ଯାଏ ମନ
ସୁନ୍ଦର ତା' ରୂପ ରମ୍ୟ ।୩।

ଶୀତ ଯେତେବେଳେ ଦେଖାଏ ତା ରଙ୍ଗ
ଥରି ଥରି ଚାଲେ ମଣିଷ
ପାଟି ଠକ ଠକ ବାଜୁଥାଏ ଦାନ୍ତ
ଖୋଜେ ଗରମ ପରଶ ।୪।

ହାଡ ଭଙ୍ଗା ଶୀତେ ସମସ୍ତେ ଥରନ୍ତି
ଧନୀ ରୁ ଗରୀବ ଯାଏ
ଗରୀବ ପାଖରେ ନ ଥାଏ ରେଜେଇ
କନ୍ଥା ଘୋଡ଼ି ହୋଇ ଶୁଏ ।୫।

ଶୀତ ଦେଇ ଥାଏ ଅନେକ ଆନନ୍ଦ
ଦିଏ ସେ ମଧୁର କଷ୍ଟ
ଶୀତ ରେ ଥରିଣ ସ୍ନାନ କରିବାକୁ
ପିଲାଏ ହୁଅନ୍ତି ଦୁଷ୍ଟ ।୬।

ଖରା ପୋହିଁବାକୁ ଇଚ୍ଛା ହୁଏ ଭାରି
ପାଟିରେ ପକାଇ ମୁଢି
ସୂର୍ଯ୍ୟ ର କୋମଳ ତାପର ଝାସ ରେ
ବସିଥାନ୍ତି ବୁଢ଼ା ବୁଢୀ ।୭।

ଖରା ର ତେଜରେ ତେଜୀୟାନ୍ ହୋଇ
ପିଲା କରନ୍ତିନି ମଠ
ଧାନ ଗଦା ମୂଳେ ସଉପ ପକାଇ
ପଢୁଥାନ୍ତି ସିଏ ପାଠ ।୮।

କୋଳରେ ଧରିଣ ଶିଶୁର ମାଆ ଟି
ମାଖୁ ଥାଏ ତେଲ ବସି
କଅଁଳ ଶିଶୁର ଦରୋଟି ହସରେ
ମାଆ ମନ ହୁଏ ଖୁସି ।୯।

ସୂର୍ଯ୍ୟଙ୍କ କଅଁଳ ରଶ୍ମିର ତାପରେ
ଉଷୁମ କରନ୍ତି ପାଣି
ତେଲ ମାଖି ସାରି ପିଲାଙ୍କୁ ସେଥିରେ
ଗାଧୋଇ ଦିଅନ୍ତି ଆଣି ।୧୦।

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଓଢଣା ତଳରେ ନବ ବିବାହିତା
ଯାଉ ଥାଏ ଥିରି ଥିରି
ପୋଖରୀ ରେ ବୁଡ ମାରି ସେ ଆସିବ
ସରମରେ ଥରି ଥରି ।୧୧।

ଘର ଭୁଆସୁଣୀ ଚୁଲି ମୁଣ୍ଡେ ମିଳି
ନିଆଁ ପୋହୁଁ ଥାନ୍ତି ହସି
ଗପ ସପ କରି ମଜା କରୁଥାନ୍ତି
କୁଙ୍କୁରି କାଙ୍କୁରି ବସି ।୧୨।

ଶୀତରେ ଥରିଣ ଘରର ଘରଣୀ
ଦାଣ୍ଡେ ଆଙ୍କେ ଝୋଟି ଚିତା
ଲକ୍ଷ୍ମୀ ଠାକୁରାଣୀ ଆସିବେ ତା ଘର
ହେବ ସେ ଜଗତ ଜିତା ।୧୩।

ଶୀତ ରେ ଥରିଣ ଯାଏ ଚାଷୀ ଭାଇ
ଦାଆ ଓ କୋଦାଳ ଧରି
ପରିବା ଫସଲ ଆଣିବ ଘରକୁ
ହରଷେ ଅମଳ କରି ।୧୪।

ଧାନ କାଟି ଆଣି ଖଳାରେ ସାଇତି
ଥାକ ଥାକ ଗଦା ମାରି
ମେରୀ ମୂଳରେ ସେ ବେଙ୍ଗଳା ପକାଇ
ଅମାରେ ରଖିବ ଭରି ।୧୫।



କାମରୁ ଫେରିଣ ଚାଷୀ ଭାଇ ଟିଏ
ପଖାଳ କଂସାଏ ଧରି
ଖାଉ ଥାଏ ବସି ହରଷିତ ମନେ
ଖରାକୁ ସେ ପିଠି କରି ।୧୬।

ଏହି ପରି ଶୀତ ଦିନର ବର୍ଣ୍ଣନା
ଅସରନ୍ତି ଅସୁମାରି
ସବୁ ତ ବଖାଣି ହେବ ନାହିଁ ଏଠି
ହୃଦୟେ ରଖିଛି ଧରି ।୧୭।

ଆଗ କାଳ ଶୀତ ଆଗ କାଳ କଥା
ଧୀରେ ଯାଉଛି ହଜି
ତଥାପି ସେ ସବୁ ଅନୁଭବ ଅଛି
ମିଳେ ଟିକେ ଟିକେ ଆଜି ।୧୮।

************

ଭୁବନେଶ୍ୱର,୯୭୭୭୫୯୯୬୯୫

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତନିଦ୍ରାରେ ଶୀତ

ପ୍ରତିଭା ପ୍ରିୟଦର୍ଶିନୀ

କୁମାର ପୂର୍ଣ୍ଣିମା ସକାଳ,
ଉଷାକାଳ ବିତିବା ଆଗରୁ
ମୁଣ୍ଡଧୋଇ ଗାଧୋଇବାକୁ ହେବ
ଟେକି ଦେବାକୁ ହେବ ଅର୍କଙ୍କୁ ଅଞ୍ଜୁଳି
ନହେଲେ ଭୋଗିବାକୁ ପଡିପାରେ
ବୁଢା ବର ପାଇବାର ଦୁଃଖ,
ଏମିତି ଡର ଦେଖାଇ, କୁମାରୀ ଦିନରେ
ଆଈ ଭାଙ୍ଗି ଦେଉଥିଲା,
ଅନ୍ତିମ ଆଶ୍ୱିନ ରାତିର ଶେଷ ପ୍ରହର ନିଦ ।
ହାଲୁକା ଶୀତରେ ଢାଳି ଦେଉଥିଲା
ମଥା ଉପରେ ବାଲତିଏ ପାଣି ।
କେଶ ସହ ଧୋଇ ଯାଉଥିଲା
ହଳଦୀମଖା ଦେହର ବଳକା ହଳଦୀ ଟକା।

କାର୍ତ୍ତିକ ମାସଟା ସାରା
ସକାଳ ଗୁଡାକ ଖୁବ ରଙ୍ଗୀନ ରଙ୍ଗୀନ,
ଅଗଣା ଚଉଁରା ପାଖେ
ନାନାବର୍ଣ୍ଣ ମୁରୁଜରେ ଅନେକ କାହାଣୀ।
ଗୁଡ଼ ମଖା ଗଜାମୁଗ ସାଙ୍ଗେ ଫଳମୂଳ ଭୋଗ,
ରାଈ ଦାମୋଦରଙ୍କ ଠୁ ବେଶୀ
ହେଉଥିଲା ମୋ ଲୋଭର ପାଉଣା ।
କାକର ବତୁରା ମୁରୁଜ ଗାର
ନରମ ଖରାରେ ଢ଼େର ବେଶୀ ଝଲସୁ ଥିଲା
ଆଜିର ଏ ବାଲି ମିଶା ନକଲି ରଙ୍ଗଠୁ।

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମାସକ ଧର୍ମକୁ ପୂଣ୍ୟ ର ପାଉଣା କରି
ଦିଅଁଙ୍କ ସଙ୍ଗେ ଡଙ୍ଗା ଦେଇ ବଦଳ
କଲାବେଳେ
ପାପ ଫାଙ୍କିବାର ସେ ସୁଯୋଗ ଉପରେ
ଭାରିପଡ଼େ ହେମନ୍ତ ହେମାଳ,
ବୁଣା ଚଦର ଭିତରେ ଲୁଚି
ପୁହାଇ ଦେବାକୁ ଚାହେଁ ଶୀତ ସକାଳ।

ଚିତାଲାଗି ଅମାସିଆ ବେଳେ
ବୁଣିଥିବା ତଳି ଗୁଡାକୁ କାଟି କାଟି
ଗଛ ସବୁ ଏବେ ବେଶ ଝଙ୍କାଳିଆ,
କିଆରି ସାରା ଭରିଯାଇଛି
ନାଲି, ହଳଦିଆ, ସୋରିଷ ରଙ୍ଗର
କୁଞ୍ଚିକୁଞ୍ଚିକା, ଥୋପା ଆଉ ଏକପତ୍ରି ଗେଣ୍ଡୁ।

ମଗୁଶୁର ଜାଡ଼ ରେ ବି ଦେହଥରେ
ତଥାପି ଲକ୍ଷ୍ମୀ ଆବାହନ ପାଇଁ
ଓଡ଼ିଆଣୀ କେତେ ଯତ୍ନ କରେ।
ଶିଖିଥିଲି ଝୋଟିଦେବା ମାଟି ଅଗଣା ରେ
ଏବେ ପିଠଉ ଗାର ଟାଣେ ମାର୍ବଲ ଛାତିରେ।

ପୁଷ ହେଉ କି ମାଘ
ଶୀତ ସେବେ ଆସୁଥିଲା ବାଘ ପରି
ହେଲେ ନେଉନଥିଲା ଜୀବନ।
ସାତସିଆଁ କନ୍ଥା ଅବା ତୁଳା ର ରେଜେଇ
ପ୍ରହରୀ ହୋଇ ଜଗୁଥିଲେ ବାଟ ।
ସେ ଉଷ୍ମତା ଦେବାକୁ ବିଫଳ
ଆଜିର ହିଟର ଆଉ ଦାମିକା କମ୍ବଳ।

ମାଣବସା, ବାଟଓଷା, ଭଳି କେତେ ପର୍ବ
ପିଠାପଣା, ବଣ୍ଟା ବଣ୍ଟି, ଦିଆନିଆ ଭାବ
ଯୋଡୁଥିଲା ସମାଜକୁ ନିଆରା ଢଙ୍ଗରେ
ପ୍ରାଚୁର୍ଯ୍ୟର ଅନୁଭବ ମିଳୁଥିଲା ଅଭାବରେ।

ଆଜି କିନ୍ତୁ ଜାଣିହୁଏନି
କେବେ ଆସେ ହେମନ୍ତ,
ପୁଣି କେବେ ପ୍ରବେଶ ହୁଏ ହିମକାଳ,
ଶୀତ ଆଉ ଋତୁ ଟିଏ ନୁହେଁ
ପିଠାପଣା ଅବା ପର୍ବପର୍ବାଣି ର,
ଶୀତ ଏବେ ଶତ୍ରୁ ସାଜେ
ବାସହରା ଦୁଃଖୀ ଦରିଦ୍ରର,
ଅଳସୁଆ କରେ ଦାମିକା ଜୀବନ,
ଶୀତ ଖାଲି ଋତୁଟିଏ ବଣଭୋଜିର,
ନାନା ଜାତି କ୍ରିମ, ଲୋଶନ ଆଉ
ହରରଙ୍ଗୀ ଶୀତ ବସନର।

ଶୀତ କେମିତି ହଜିଯାଇଛି
ଥୁଣ୍ଟା ପୃଥିବୀର ନୁଖୁରା ପିଠିରେ।
ପାରୁଛ ଯଦି କିଛି ଗଛ ଲଗା,
ହୁଏତ ଫେରି ଆସିବ ସେ ଋତୁ
ତାର ଅନ୍ୟ ପାଞ୍ଚ ଭଉଣୀ ଙ୍କୁ ନେଇ.....

**କଟକ**

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଆ' ଶୀତ ଶୀତେଇ ଯା'

ଡକ୍ଟର ସଚ୍ଚିଦାନନ୍ଦ କର



ଆ' ଶୀତ ଧରା ଶୀତେଇ ଯା'
ଆମରି ମେଳରେ ବଡ ମଉଜରେ
ପୁଷ ମାଘ ଦୁଇ ବିତେଇ ଯା' ।। ୧ ।।



ହେମାଳ ପବନ ବୁହେଇ ଯା'
ରବି ଫସଲର ଋତୁ ବୋଲି ଇଏ
ଚାଷୀ କାନେ କାନେ କୁହେଇ ଯା' ।। ୨।।

ଦେହେ ଶୀତଲୁଗା ଜଡେଇ ଯା'
ସକାଳକୁ ନିତି ଘାସର ପିଠିରେ
କାକର ମୁକୁତା ଝଡେଇ ଯା' ।। ୩ ।।

ଦାନ୍ତରେ ଦାନ୍ତକୁ ଠୁକେଇ ଯା'
କିଆ ଗୋହିରୀରେ ବିଲୁଆନନାକୁ
ହୁକେ ହୋଓ ହୋଓ ଭୁକେଇ ଯା' ।। ୪ ।।



ବଗିଚାରେ ଗେଣ୍ଡୁ ଫୁଟେଇ ଯା'
ଶଗଡ଼ରେ ଲଦି ବିଡ଼ା ବିଡ଼ା ହଳା
କ୍ଷେତରୁ ଖଳାକୁ ଉଠେଇ ଯା' ।। ୫ ।।



ଦିନକୁ ସହଳ ଢଳେଇ ଯା'
ବୁଢ଼ା ବୁଢ଼ୀଙ୍କର ନିଆଁ ପୁଆଁ ଲାଗି
ଗାଆଁ ଦାଣ୍ଡେ ଧୁନି ଜଳେଇ ଯା' ।। ୬ ।।

ନଡ଼ିଆତେଲକୁ ବସେଇ ଯା'
ନାନା ଜାତି ନୂଆ ପନିପରିବାରେ
ପାଳକୂଳ ସବୁ ହସେଇ ଯା'।। ୭ ।।

ଆ' ଶୀତ ଧରା ଶୀତେଇ ଯା'
ହସରେ ଖୁସିରେ ଆମ ଦୁନିଆରେ
ଦିନ ସବୁ ତୋର ବିତେଇ ଯା'।।୮।।

କଟକ

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ

**ମାନସ ପଣ୍ଡା**



ଶୀତ ଶୋଇଅଛି ସ୍ୱପ୍ନ ସବାରୀରେ ଶିଶିରର ଶେଯ ପାରି,
ସାରାରାତି ଏଇ ସିରି ସିରି ଶୀତ କାହାକୁ ଯେ ହୁଏ ଝୁରି ।
କୁଆଁରୀ କଇଁର କଅଁଳ ଓଠକୁ ଶୀତ ବୋଧେ ପାଏ ଭଲ ,
ପାଖୁଡାକୁ ତା'ର ପାହାନ୍ତି କାକର ଦେଖ କରିଅଛି ଗେହ୍ଲ ।

ଶୀତର ଛାତିରେ ସକାଳ ବେଳକୁ ଖରା ଖେଳେ ଲୁଚକାଳି ,
ଗୋଧୂଳି ଶେଷରେ ଗୀତ ଗାଇଗାଇ ଶୀତ ଲଗାଏ ଗହଳି ।
ସାରା ଦିନ ରହେ ଉଦାସୀ ଉଦାସୀ ରତିମୟ କରେ ରାତି ,
ଜହ୍ନରୁ ଜୋଛନା ଚୋରାଇ ଫୁଟାଏ ଓଠରେ ହସର ମୋତି ।

ରାତିର ବୟସ ଯେତେ ବଢୁଥାଏ ଶୀତ ସେତେ ଆନ ମନା ,
ଖୋଜୁଥାଏ ବୋଧେ ଶିଶିର ଶେଯରେ ସୁନ୍ଦରୀ ସୁନୟନା ।
ହେମାଳ ହାଟରେ ହଜିଯାଇଛି କି ପୁରୁଣା ତା' ପ୍ରିୟତମା ,
ଅବା ସେ କାହାର କୁଳ ବଧୂ ସାଜି ବୋଲାଉଛି ଅନୁପମା ।

ଶୀତ ମୋ' ପାଇଁ ନୁହେଁ ଋତୁଟିଏ ପ୍ରେମିକ ସେ ନିଶାଚର ,
କାକର କାଳିରେ ଲେଖେ ସେ କବିତା ସାୟେରୀ ସେ ଚିତ୍ରକର ।

**ଭଦ୍ରକ ,ଓଡିଶା**

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ

ପ୍ରବାସିନୀ  ହୋତା

ନୁହେଁ କି ଏ ଶୀତ କୁଆଁରୀ ମନର ଲାଜୁକୀ ଅଭିସ୍ପାଟିଏ
 କୁହୁକ-କୁହୁଡି-ଓଢଣାର ତଳେ ଯିଏ ମୁହଁ ଛପା ଦିଏ
ଅଳସ ପଣକୁ  ଖତାଉଥାଏ ଯେ ସୁନା ଧାନ କିଆରୀରେ
ବିନ୍ଦାସ ଝିଅ ସେ ବୋହୂ ହୋଇ ଆସେ ଅଶିଣ ଢୋଲ ବାଜିଲେ ।।

ବାଲ୍ୟ ସ୍ମୃତି ଯେତେ ଛାଡିଆସେ ଶୀତ ଘାସ ପତରର ଦେହେ
ଏକାକିନୀ ହୋଇଯିବାର ବ୍ୟଥାକୁ ଢାଳେ କାକରର ଲୁହେ
ନିଝୁମ ରାତିର ନିଶୁତି ପହରେ ବିଲ,ବନ, ଉପତ୍ୟକା
କିଛି ତ ଗୋଟାଏ ଖୋଜି ବୁଲୁଥାଏ ଶୀତ ନିତି ଏକା ଏକା ।।

ଉଦାସୀ ସଞ୍ଜରେ ଅସ୍ତ ସବିତାର ବିରହ ବେଦନା ଶୀତ
ରାତି ସାରା କେଉଁ ନିଷ୍ପ୍ରଭ ତର କରୁଣ-ରାଗିଣୀ-ଗୀତ
ପାହାନ୍ତି ପହରେ ସ୍ୱପ୍ନେ ଦେଖେ ମୁହିଁ ଶୀତର ବିବର୍ଣ୍ଣ କାୟା
ଗାଢୁ ଗାଢତର ହେଉଥାଏ ଯାର ଉଦାସୀ-ଅଳସୀ-ଛାୟା ।।

ଋତୁଟିଏ ଖାଲି ଅଟେ କି ଏ ଶୀତ ଅବା କେଉଁ ଆହ୍ୱାନ
ନୀରବ-ଅନ୍ୱେଷା, ବିପୁଳ-ଜିଜ୍ଞାସା ଅଥବା ଚିର-ସନ୍ଧାନ ??

ବରଗଡ଼

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ

## ଶ୍ରୀ ଡମ୍ବରୁଧର ବାଗ

ଶୀତ ବହୁତ ଭଲ ପାଏ
ଲଙ୍ଗଳା ପୁଙ୍ଗୁଳା ଦେହକୁ ..

ଭଲ ପାଏ ଚମ ଧୁଡ଼ୁ ଧୁଡ଼ୁ ଧୋବ ଫୁରୁ ଫୁରୁ
ପାଚିଲା ମୁଣ୍ଡା  ବୁଢାକୁ ବୁଢୀକୁ..
ରାତ୍ରି ର ନିର୍ଜନ ପ୍ରହରେ କ୍ଷେତ ଖଳାରେ
ଶୋଇ ମାଟି ସହ ମାଟି ହୋଇ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରି
ଦୁନିଆକୁ ଦି ମୁଠା ଦାନା ଯୋଗାଉଥିବା
ସରଳ ନୀରିହ ସେଇ ଚାଷୀ ଭାଇକୁ ।
ଖୁବ ଭଲ ପାଏ
ପୁଣି ଫୁଟ୍ ପାଥରେ  ଶୋଉଥିବା ମଣିଷକୁ
ଖଟିଖିଆ ଗରିବକୁ
ପେଟ ପାଇଁ ବେସାହାରା ହୋଇ
ହାତ ପାତି ଭିକ  ମାଗୁଥିବା
ସେହି ମଣିଷକୁ ...।

ଭଙ୍ଗା ଘରେ ଦପ୍ ଦପ୍ ହେଉଥିବା
ଡିବିରି ଜଳେଇ ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ
କଡ ଲେଉଟାଇ ଶୋଇବାକୁ
ଚେଷ୍ଟା କରି ବିଫଳ ହୋଇ
ପୁଣି ସୂର୍ଯ୍ୟଙ୍କର ଅନଳ ଶିଖାକୁ
ଜଗି ବସିଥିବା  ମଣିଷକୁ ।

କେବଳ ସେତିକି ନୁହେଁ
ପୁଣି ଭଲ ପାଏ....
ଏହି ଶୀତ ସେହି ମାନଙ୍କୁ
ଥୁରୁ ଥୁରେଇବାକୁ
ସେମାନଙ୍କ ଦେହକୁ ଫଟାଇ
ଓଠକୁ ଫଟାଇ ଲାଲ୍ ଗରଗର
ରକ୍ତ ବୁହାଇବାକୁ।

ବେଳେ ବେଳେ  ଖୁବ ଭଲ ପାଏ ...
ଖୁସି ହୁଏ ସେହି ମାନଙ୍କୁ
ଯମରାଜ ସହ ମୁଲାକାତ କରେଇବାକୁ
ହେଲେ ଭଲ ପାଏନି ବୋଧେ ବିଲକୁଲ୍ ବି
ସେହି ଧଳା କୁର୍ତ୍ତା ପିନ୍ଧୁଥିବା
ସ୍ୱେଟର ଜାକେଟ୍ ମଫଲର୍
ଲଗେଇ ପିଜା ବରଗର୍
ଚାଉମିନ୍ ଖାଉଥିବା  ମଣିଷକୁ
ଦୁଇ ମହଲା ତିନି ମହଲା କୋଠାରେ
ରହି ଚାରି ଚକିଆରେ
ବିନ୍ଦାସ୍ ବୁଲୁଥିବା ମଣିଷକୁ
ଚଢେଇ ଭଳି ଆକାଶରେ ଉଡୁଥିବା
ବହୁ ରୁପିଆକୁ ।

କିନ୍ତୁ ଭଲ ପାଏ....
ଏଇ ଶୀତ ସେ  ଲଙ୍ଗଳା ପୁଙ୍ଗୁଳା ଦେହକୁ
ଡଙ୍ଗର ତଳେ ବସା ବାନ୍ଧି
ମହୁଲ  ଚାହା  କେନ୍ଦୁ
ମାଣ୍ଡିଆ ପେଜ ଖାଇ
ସଲପ ରସ ପିଉ ଥିବା
ସରଳ ନୀରିହ ବିଚରା ମଣିଷକୁ ।।

ଚପ୍ରିଆ, ଗୋଲାମୁଣ୍ଡା , କଳାହାଣ୍ଡି ,ଦୂରଭାଷ -୯୧୭୮୨୨୫୭୭୪

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଗାଁ ବୁଢ଼ୀମା'ର ଶୀତ

ପ୍ରଶାନ୍ତ କୁମାର ନାଥ

ଶୀତ ଆସିଅଛି ଗାଆଁକୁ ମୋହର
ନୁଆଁଣିଆ ଚାଳଘରେ
ସକାଳ ହୋଇଲେ ସେହି ଘରେ ବସି
ବିଚରା ବୁଢୀଟା ଥରେ ।

ଥରି ଥରି ଚାଲେ କେତେ ସେ କଷ୍ଟରେ
ବଙ୍କୁଲୀ ବାଡିକୁ ଧରି
ଚୂଲିର ମୁଣ୍ଡରେ ପିଉଅଛି ବସି
ନାଲିଆ ଚାହାକୁ କରି ।

ଧୂଆଁ ପରି ସତେ ସକାଳ କୁହୁଡି
ଅଗଣାକୁ ତାର ଆସେ
କାକରର ଟୋପା ଗଛର ପତ୍ରରୁ
ଟିପ୍ ଟିପ୍ ହୋଇ ଖସେ ।

ସକାଳ ସୂର୍ଯ୍ୟର ଗରମ ପରଶ
ଟିକିଏ ପାଇବା ପାଇଁ
ଅଗଣାକୁ ଯାଇ ବସୁଅଛି ସିଏ
ପୂରୁବ ଦିଗକୁ ଚାହିଁ ।

ହାତ ଗୋଡ଼ ତାର କାଲୁଆ ମାରୁଛି
ବାଜିଲେ ଟିକିଏ ପାଣି
ସନ୍ଧ୍ୟା ହୋଇଗଲେ ଘରେ ସେ ରହୁଛି
ତାଟିର କବାଟ ଟାଣି ।

ନିଆ ପୁହୁଁ ଅଛି କେବେ କେବେ ସିଏ
ନିଜ ଅଗଣାରେ ବସି
ହଳଦୀ ରଙ୍ଗର ମାଳ ମାଳ ଗେଣ୍ଡୁ
ଦେଉଛି ସେଇଠି ହସି ।

ଖାଇ ପାରୁନାହିଁ ଶାନ୍ତିରେ ଗଣ୍ଡାଏ
ପାଟି ମରିଯାଏ ଖନୀ
ସତେକି ଯେମିତି ଶୀତ ଆସି ତାକୁ
କରୁଅଛି ହିନୀମାନି ।

ବାଡ଼ିରେ ଦେଖିକି ଧାନେଇ ଲଙ୍କାକୁ
ହେଉଅଛି ତାର ଲୋଭ
ହେଲେ ବାଜିଗଲେ ପାଟିରେ ଟିକିଏ
ଜଳି ଯାଉଅଛି ଜିଭ ।

ଛିଣ୍ଡା କମ୍ବଳରେ ଦେହ ତା ଢ଼ାଙ୍କୁଛି
ପୁରୁଣା ହେଁସରେ ଶୋଇ
ଶୀତ ଟା ଯେମିତି ଆସିଛି ତାପାଇଁ
ଯମର ଡାକରା ନେଇ ।

ପ୍ରୀତିପୁର,ଯାଜପୁର ।

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଅଳସେଇ ଶୀତ

ବୀଣାପାଣି ରାଏଗୁରୁ




ସାୟାହ୍ନ ର ସାମୁଦ୍ରିକ ସୀମା ସମୟର ଅତି ସାମ୍ନା ସାମ୍ନି
ପାରିହୋଇ ହେମନ୍ତ ଶିଖର ସୁନ୍ଦରୀ ସେ ଅଳସେଇ ଶୀତ,
ଆସେ ଧାଇଁ ମେଘର ମୋଡ଼ରୁ,ବିନ୍ଦାସରେ ଗାଇ ଝୁମି ଝୁମି
ବିବର୍ଣ୍ଣା ସେ ବିରହିଣୀ ମେଘ ଭୁଲିବସେ ନିଜ ପଥ ପାଂଥ

କେତେ ମ୍ଲାନ ଅମ୍ଳାନ ଆଖିରେ ଭରା ଭରା ସ୍ୱପ୍ନିଳ ଧରିତ୍ରୀ
ସତେ ଅବା ସ୍ମୃତି ଶତଜନ୍ମା କଳ୍ପନାରେ କଳପାଏ  ଧରା,
ତୋଫାଜହ୍ନ ପଣତ ଛାଇରେ ଛପିଯାଏ ରୂପଲଗ୍ନା ରାତି
ଶୀତପ୍ରୀତି ସମ୍ପର୍କ ସମ୍ଭୁତା  ଫୁଲେ ଫୁଲେ  ଜୀବନ ନିଆରା।।

ଆରପଟେ ଅଦ୍ଭୁତ ଅରଣ୍ୟ ଥର ଥର କମ୍ପିତ ପୃଥିବୀ
ଅପେକ୍ଷାରେ ଫେରନ୍ତା ପକ୍ଷୀର, କ୍ଷଣ କ୍ଷଣ ନୀଡ଼ ନିରୁଦିଷ୍ଟ ,
ଜୁଡୁବୁଡୁ ମୁହ୍ଣା ମଗୁଶୁର ଅହରହ ଭାରି ଅନୁଭବୀ
ରୂତୁ ରୂତୁ ଶୀତ ଶରାହତ, ଲେଖିବସେ ଜୀବନ ବୃତ୍ତାନ୍ତ।।

ଶୋଇ ଶୋଇ ନିରୋଳା ନିଦରେ,କରି ମୁହୂର୍ତ୍ତ କୁ ମହ ମହ,
ଅନ୍ଧକାରେ ତଲାସେ ଆଲୋକ ନଥିବାରେ ଥିବାର  ପ୍ରତିତୀ,
ଗାଏ ଶୀତ  ଜୀବନ ର ଗୀତ ପ୍ରାଣେ ଭରି ପ୍ରାଣ ଅହରହ,
କେବେ ପୁଣି ଫେରିବ ଫଗୁଣ ହେ ମୋର ସମୟ ମତେ କହ।।

ତରିତୋ, କିଶୋର ନଗର,କଟକ-,୭୫୪୧୩୧



" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ ଆସେ

## ଭବାନୀ ଚରଣ ମିଶ୍ର

ଶୀତ ଆସେ..
ମୋ ପ୍ରିୟାର ଅଳସୀ ଆଖିରେ..।
ଅସରନ୍ତି କାମନାର ଜାଲ ବୁଣା
ଦୁଗ୍ଧ ଜଉ ଘରେ..।।
ପ୍ରତୀକ୍ଷିତ ସଞ୍ଜ ସେଇ
ବହଳ ଅନ୍ଧାରେ ..।
ବୁକୁ ଥରା କୋହ ଭରା
ତାର ସେଇ
ଖର ନିଶ୍ୱାସରେ..।।
ନିଛାଟିଆ ଅଧାରାତି
ସପନର ଜହ୍ନ ପୁଣି
ସପନରେ ହଜିଗଲା ପରେ..।
ଝରକା ଫାଙ୍କରେ
ପାହାନ୍ତା କୁହୁଡି ବୋଳା
କାକରଟା ସିର୍ ସିର୍
ଦେହେ ଯେବେ ଶିହରଣ ଭରେ..।
ଉଦାସ ମନରେ
ଅକୁହା ସେ
ବିନିଦ୍ର ଦହନ ରାତ୍ରି
ପାହେ ଯେବେ ଧୀରେ ..।।
ପ୍ରତୀକ୍ଷା କୁ ପ୍ରତୀକ୍ଷା ରେ ଶେଷ କରି
ପ୍ରିୟା ଯେବେ ଝୁରେ..।

ଝର ଝର ଝରେ ଯେବେ
ଛଳ ଛଳ ନୟନରୁ ଧାରେ..।।
ଥର ଥର କମ୍ପିତ ଅଧରେ..।
ମିଳନର ସ୍ମୃତି ସବୁ
ବିରହ କୋହରେ ଥରେ
ଜଳିଗଲା ପରେ..।
ବିକ୍ଷିପ୍ତ କଜ୍ଜଳ ଧାର
ଛଳ ଛଳ ଭସା
କଳା ଭଅଁର ଆଖିରେ..।
ଇସ୍ କହି ଓଠକୁ ତା ଛୁଇଁ ଦେବା
ସ୍ମୃତି ଝରି ଲିଭିଯିବା ପରେ..।।
ଭାବନାର ବୁକୁଫଟା
ବରଫ ଅତଡା ଯେବେ
ହୃଦୟକୁ ଚାପେ ଧୀରେ ଧୀରେ..।।
ବସନ୍ତ ଟା ଧୋକା ଦେଇ
ଫେରିଗଲା ପରେ..।
ସ୍ମୃତି ସବୁ ଶ୍ରାବଣରେ ଭିଜି ଯେବେ
ଆଖି ତଳୁ ଝରେ..।।
ଜୀବନ ଠୁ ପ୍ରତୀକ୍ଷା ଟା
ଦୀର୍ଘ ବୋଲି
ଜଣାଗଲା ପରେ..।
ଶୀତ ଆସେ..
ମୋ ପ୍ରିୟାର ଅଳସୀ ଆଖିରେ..।

**ବ୍ରହ୍ମପୁର, ମୋହନା (ଗଜପତି)**
**ମୋବାଇଲ:୯୪୩୮୧୮୭୭୩୯**


" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଅପସରି ଶୀତ

## କେ.ନିର୍ମଳ

ଫଗୁଣ ଦେଇଛି ନୀଳ ଲଫାପା ଟେ
ତୁମ ପାଇଁ ଟିକେ ଦେଖ,
ସ୍ମୃତି ଆକାଶରେ ବୁକୁଫଟା ଶୀତ
ଏହି ତୁମ ରୂପ ରେଖ ।

ଅଳପ ଦିନରେ ଛାଡ଼ିଯାଅ କାହିଁ
ଖୋଜୁଥାଏ ମଳୟରେ,
ଦୁଃଖ ଲାଗେ ମୋତେ ଛାଡି ଚାଲିଗଲେ
ପାହାନ୍ତିଆ ମୁହୂର୍ତ୍ତରେ।

ତୁମ ବିନା ସତେ ଅଧୁରା ଲାଗିବ
ଗରମ ପବନ ଦେଲେ,
କଥା ଦିଅ ମୋତେ ଛାଡିଯିବ ନାହିଁ
ଯେତେ ଝଡ଼ ଆସୁଥିଲେ ।


କନ୍ଥା,କମ୍ବଳକୁ ନିଜର କରିଛି
କେବଳ ତୁମରି ପାଇଁ,
ତୁମ ସ୍ପର୍ଶରେ ହଜିଯାଏ ସତେ
ଅଲିଭା ସ୍ୱପ୍ନରେ ମୁହିଁ ।

ଭଦ୍ରକ, ବାସୁଦେବପୁର(ଜଗନ୍ନାଥ୍)
ମୋବାଇଲ:- ୯୫୬୬୧୧୩୬୦୭

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ତୁମେ ଆସିଲେ ହିଁ...

ସୁଭାଷ ଚନ୍ଦ୍ର ପଣ୍ଡା(ଓ .ଇ .ଏସ )



ତୁମେ ଆସିଲେ ହିଁ ..
ଲାଜେଇ ଲାଜେଇ ଯାଏ ଏ ଧରଣୀ ,
ଧୀରେ ଧୀରେ ନିଜକୁ ଢାଙ୍କିଦିଏ
ସନ୍ତର୍ପଣେ ଟାଣିଦେଇ ପାହାନ୍ତିଆ
ସୋରିଷ ଫୁଲର ସୁନେଲି ଓଢଣୀ...

ଶୀତ ତୁମେ ଆସିଲେ ହିଁ
ଏ ବସୁଧା ତାର ଆହ୍ଲାଦିତା
ବାସକ ସଜ୍ଜାର କୁଆଁରୀ ମନରେ
ଚୁପ୍ ଚାପ୍ ହସିଦିଏ
ନୀଳ କଇଁ ଲାଜୁକି ଓଠରେ ,
କଣେଇ କଣେଇ ଚାହେଁ
ବାଦଲ ଫାଙ୍କରେ ଲୁଚି ଲୁଚି
ଦେଖୁଥିବା ରୂପେଲି ଜହ୍ନକୁ ,
ଧରି ରଖେ ଜୋଛନାକୁ ଶିଶିର ବିନ୍ଦୁରେ ।

ତୁମେ ଆସିଲେ ହିଁ
ତୁମର ଏ ପ୍ରୀତିସ୍ନିଗ୍ଧା ,ବିମୁଗ୍ଧା ନାୟିକା
ବାରମ୍ବାର ବେଶ ବଦଳାଏ
କେତେବେଳେ ପରିପକ୍ୱ ଧାନ କ୍ଷେତ
ସ୍ୱର୍ଣ୍ଣାଭ ପାଟରେ ,
କେବେ ଅବା ପରିବା କ୍ଷେତରେ
ପ୍ରଣୟ ପ୍ରମତ୍ତା ହସେ ସବୁଜ ଶାଢୀରେ...।

ତୁମେ ଆସିଲେ ହିଁ
ଶିହରଣ ଖେଳିଯାଏ ବାୟୁରେ, ସ୍ନାୟୁରେ
ଶିହରଣ ଖେଳିଯାଏ ଦେହମନ ,
ଆତ୍ମା ଇନ୍ଦ୍ରିୟରେ
ଆଲୋଡନ ଖେଳିଯାଏ ଭୋଜି,ବଣଭୋଜି
ବାସନାରେ ବସନରେ
ଅବା କେଉଁ ବିରହିଣୀ ଉଦାସୀ ଆଖିରେ....॥

ଗହଗା ନରସିଂହପୁର , କେନ୍ଦ୍ରାପଡା, ଓଡିଶା

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଓ ପରବ

ପ୍ରଭାତ କୁମାର ନାୟକ



ଧରଣୀ ପରେ ଦୁଇ ମାସକୁ
ଧରିଣ ଶୀତ ଆସେ ,
ପୌଷ ମାଘ ନାମରେ ଜଣା
ଶୀତ ଆନନ୍ଦେ ହସେ । ୧।

ଉତ୍ତର ଆଉ ପଶ୍ଚିମ ଭାଗେ
ଚାରି ମାସକ ପାଇଁ ,
ଦଶରା ଠାରୁ ପସରା ମେଲି
ଶୀତ ଆସଇ ନଇଁ । ୨।

ଦୀପାବଳୀରେ କୋମଳ ଛୁଆଁ
ଦେଇ ସେ ଦୂରେ ଘୁଞ୍ଚେ,
ପିମ୍ପେଇ ନିଆଁ ବାଣ ଶବଦେ
ଡରି ସେ ପୁଣି ଲୁଚେ । ୩।

ପଞ୍ଚୁକ ମାସ ପାହାନ୍ତି ଶୀତ
କରଇ ଥର ହର ,
ହବିଷିଆଳି ବୁଢ଼ି ପାଗେଳି
ହୁଏ ସେ ଗର ଗର । ୪।

ଛାଡଖାଇରେ ନାଚଇ ଶୀତ
ସମ୍ବଲପୁରୀ ଗୀତେ,
ବାଲି ଯାତରା ଭିଡରେ ଶୀତ
ହସଇ ସାଙ୍ଗ ସାଥେ । ୫।

ପଡୁଆଁ ହୁଏ ମାର୍ଗଶିରରେ
ହସଇ ଧାନ କ୍ଷେତ ,
ଜଗ ଜନନୀ ଲକ୍ଷ୍ମୀ ଆସନ୍ତି
ସବୁରି ଘରେ ସେତ । ୬।

ପଉଷ ମାସେ ବାଟ ଓଷାରେ
ହୁଅଇ ପିଠା ମୁଆଁ ,
ଶୀତକୁ ଡରି ଗାଧୁଆ ଲାଗି
ପିଲା ମାରନ୍ତି ଡିଆଁ । ୭।

ମକର ଠାରୁ ଦିନ ବକର
ଛୋଟିଆ ହୁଏ ରାତି ,
ଶୀତର କୋପେ ରୋଗ ବୈରାଗ
ଫୁଲାନ୍ତି ପୁଣି ଛାତି । ୮।

ଏହି ମାସରେ ଶୀରି ପଞ୍ଚମୀ
ହୁଅନ୍ତି ମାଆ ବିଜେ,
ମାଆ ଆଶିଷ ଲଭିଣ ଧରା
ଶୀତର କୋପ ହଜେ । ୯।

ଆସଇ ଯେବେ ଅଗ୍ନି ଉତ୍ସବ
ଜଳଇ ଅଗି ନିଆଁ ,
ତାହାରି ତାପ ସହି ନ ପାରି
ଶୀତ ମାରଇ ଡିଆଁ । ୧୦।

ଶୀତର କୋପ ଦେଲେ ବି ଦୁଃଖ
ପଛରେ ଥାଏ ଭଲ ,
ଧରଣୀ ରାଣୀ ସବୁଜ କ୍ଷେତ
ଦିଶଇ ଝଲମଲ । ୧୧।

ପନି ପରିବା ପ୍ରଚୁର ମିଳେ
ଅମଳ ହୁଏ ଧାନ ,
ଦୁଃଖ ପଛରେ ସୁଖ ଦେଇଣ
ଶୀତ କିଣଇ ମନ..। ୧୨।

(ଶିଶୁ କବିତା ଅଧ୍ୟାୟରୁ ଏହି କବିତାଟି )

ମଧୁପୁର ,ଭଦ୍ରକ ,ଓଡିଶା

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଆସିଲା ଶୀତ

ସୁଷମା ପରିଜା

ସରିବାକୁ ହେଲା କାର୍ତ୍ତିକ ଆସି
ଧୀରେ ଧୀରେ ଆସେ ଶୀତ ମାଉସୀ । ୧ ।

ମାଆ ଖୋଲିଲେଣି କମ୍ବଳ ପେଡି
ରାତି ରେ ତାହା କୁ ହେବାକୁ ଘୋଡି । ୨ ।

ଶାଲ୍ ସୁଇଟର୍ ମଫ୍ଲର୍ ଟୋପି
ସବୁ ରଖିଲେଣି ଥାକ ରେ ଚାପି । ୩ ।

ସକାଳୁ ଉଠିବା ବହୁତ କଷ୍ଟ
ସ୍କୁଲ ଯିବା ପାଇଁ ହେଉଛି ମଠ । ୪ ।

ସ୍କୁଲରେ ପଡେ କଅଁଳ ଖରା
ଦେହ କୁ ସୁଖ ସେ ଲାଗଇ ପରା । ୫ ।

କି ସୁନ୍ଦର ଦିଶେ ଧାନ କିଆରୀ
ସତେକି ସବୁଜ ଓଢଣୀ ପାରି । ୬ ।

ସଜେଇ ହୋଇଛି ଧରଣୀ ରାଣୀ
ଖଳା ରେ ଦେବାକୁ ଫସଲ ମୁଣି । ୭ ।

ଆଗକୁ ଆସୁଛି ଯେ ମାଣବସା
ଘରେ ହେବ ଛେନା ମଣ୍ଡା ଆରିସା । ୮ ।

କାନ୍ଥ ଅଗଣାରେ ପଡିବ ଝୋଟି
ଫୁଲ ସଜା ହେବ ଗୋଟି କି ଗୋଟି । ୯ ।

କଦଳୀ, କମଳା, ସେଓ, ଅଙ୍ଗୁର
ଫଳ ସବୁ ବାପା ଆଣିବେ ଘର । ୧୦ ।

ଶୀତ ଦିନେ କେତେ ପନିପରିବା
ଫୁଲକୋବି, ମୂଳା, ବିଲାତି ଅବା । ୧୧ ।

ଧଣିଆଁ ଚଟଣୀ ଭାରି ବଢିଆ
ବାଟେ ଯେବେ ମାଆ ଦେଇ ନଡିଆ । ୧୨ ।

ମୂଳା କାଞ୍ଜି ଅଟେ ଦେହକୁ ହିତ
କୋଶଳା ଶାଗରେ ବଢେ ରକତ । ୧୩ ।

ବନ୍ଧାକୋବି ସାଥେ ମଟର ଛୁଇଁ
କେଡେ ସୁଆଦିଆ ତର୍କକାରୀ ଭାଇ । ୧୪ ।

ଆଖୁ ବି ଅମଳ ଶୀତ ଦିନରେ
ବଣା ବଣା ଗୁଡ ଆସିବ ଘରେ । ୧୫ ।

ଭାରି ମିଠା ଲାଗେ ଆଖୁ ଦୋରୁଅ
ପେଟ ଲାଗି ପରା ସିଏ ଓଷୁଅ । ୧୬ ।

ଶୀତ ଦିନ ଲାଗେ ସବୁଠୁ ଭଲ
ହରିବୋଲ ଭାଇ ଗୋବିନ୍ଦ ବୋଲ । ୧୭ ।

କଟକ ,ଓଡିଶା

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ ଆସେ

ଧୀରେନ୍ଦ୍ର କୁମାର ପ୍ରଧାନ

ଶୀତ ଆସେ ହେମନ୍ତ ର ବିଦାୟ ବେଳାରେ
ଶୀତ ଆସେ ଶିଶୁ ସାଜି ପଞ୍ଝୁକ ସକାଳେ
ଶୀତ ଆସେ କାକରରେ ଧରାକୁ ପଖାଳେ
ଶୀତ ଆସେ କୁହୁଡ଼ିର ହିମ ପରଶରେ
ଶୀତ ଆସେ ସକାଳର କଅଁଳ ଖରାରେ
ଶୀତ ଆସେ ଥରଥର ଅଳସପଣରେ
ଶୀତ ଆସେ ଓଠସଙ୍ଗେ ଦେହ ଥରିବାରେ
ଶୀତ ଆସେ ସକାଳର ଚାହା ପିଆଲାରେ
ଶୀତ ଆସେ ଘରଣୀ ର ଓଦା ଆଞ୍ଜୁଳାରେ
ଶୀତ ଆସେ କାର୍ତ୍ତିକ ରେ ରାସ ପୂର୍ଣ୍ଣିମା ରେ
ଶୀତ ଆସେ ହବିଷ୍ୟାଳି ହବିଷ ଅନ୍ନରେ
ଶୀତ ଆସେ ବଡଓଷା ସଂସ୍କୃତି ଡଙ୍ଗା ରେ
ଶୀତ ଆସେ ମହନୀୟ ବାଲିଯାତରା ରେ
ଶୀତ ଆସେ ମାର୍ଗଶୀର ଶୁଭ ଗୁରୁବାରେ
ଶୀତ ଆସେ ମାଣବସା ଝୋଟିରେ ଚିତାରେ
ଶୀତ ଆସେ ନୂଆ ବସ୍ତ୍ର ପୋରୁହାଁ ତିଥିରେ
ଶୀତ ଆସେ ହଳଦୀ ପତର ଏଣ୍ଡୁରୀ ପିଠାରେ
ଶୀତ ଆସେ ପାଦ ଥାପେ ଯେବେ ଯୌବନରେ
ଜାଡ ଆଲିଙ୍ଗନ ଭରେ ପୌଷ ପୁନେଇଁରେ
ଶୀତ ଆସେ ମକରର ପବିତ୍ର ବୁଡରେ
ଶୀତ ଆସେ ବନ୍ଧୁତାର ଦୃଢ ବନ୍ଧନରେ
ଶୀତ ଆସେ ମାଘ ମାସ ପଞ୍ଚମୀ ତିଥି ରେ
ମାତା ସରସ୍ୱତୀଙ୍କର ବୀଣା ଝଙ୍କାରରେ

ଶୀତ ଆସେ ପୋଖରୀ ରେ କଇଁ ଫୁଲ ସାଜି
ଶୀତ ଆସେ ପରଦେଶୀ ବିହଙ୍ଗମ ସାଜି
ଶୀତ ଆସେ ସ୍ୱର୍ଣ୍ଣ ମୟ ଧାନ କିଆରୀରେ
ଶୀତ ଆସେ ଚାଷୀପୁଅ ଚାନ୍ଦ ବଦନରେ
ଶୀତ ଆସେ ସୁନାଭରା ଧାନର ଖଳାରେ
ଶୀତ ଆସେ ଅମଳରେ ଧାନ ବେଙ୍ଗଳାରେ
ଶୀତ ଆସେ ଆମ୍ବତୋଟା ବଉଳ ବାସ୍ନାରେ
ଶୀତ ଆସେ କୁହୁକୁହୁ କୋଇଲି ତାନରେ
ଶୀତ ଆସେ ଦହଗଞ୍ଜି ନେଇ ବାର୍ଦ୍ଧକ୍ୟରେ
ଶୀତ ଆସେ ଗାଁ ଦାଣ୍ଡେ ନିଆଁ ସେକିବାରେ
ଶୀତ ଆସେ ପ୍ରେମିକାର ଉଷ୍ମ ଉପହାରେ
ଶୀତ ଆସେ ସାଙ୍ଗ ସାଥୀ ବଣରେ ଭୋଜିରେ
ଶୀତ ଆସେ ମହମହ ମହୁଲି ସଞ୍ଜରେ
ଶୀତ ଆସେ ପାହାନ୍ତିଆ ଶେଫାଳି ଶେଯରେ
ଶୀତ ଆସେ ବୁଣିଦିଏ କାକରର ମୋତି
ରୁପାର ବଗିଚା ଭଳି ଲାଗେ ଜହ୍ନ ରାତି

ଶୀତ ମାଘେ ଦେଇଯାଏ କାଉଁରୀ ପରଶ
ଶୀତ ଶେଷେ ଫଗୁଣରେ ମଳୟ ର ବାସ।।।।

। ଝଜିରୀବାହାଳ। ଅନୁଗୋଳ
।୭୯୦୪୪୫୮୧୪୫।

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ହାଡଥରା ଶୀତ

## ଜ୍ୟୋସ୍ନା ମଞ୍ଜରୀ ତ୍ରିପାଠୀ



ନୂଆ ଭୁଆଷୁଣୀ ପରି ପାଦ ଚାପି ଚାପି
ଅଶିଣ ପାହାନ୍ତ ଶୀତ ଆସେ ବିନା ଡାକରାରେ
କୁହୁଡିର ଆସ୍ତରଣେ ଦିଶେ ନାହିଁ ବାଟଘାଟ
ସୁରୁଜର ପ୍ରତୀକ୍ଷାରେ ରହିଥାଏ ଏ ଧରଣୀ
ସତେ କି ପୃଥିବୀ ରାଣୀ ଢାଙ୍କି ଶ୍ୱେତ ଓଢଣି
ନବବଧୂ ପରି ଦିଶେ ଭାରି ଅଭିମାନୀ
ଲାଜୁକୀ ଓଠେ ତା ଭାଷା କିଛି ଫୁଟେନି ।

କୋହଲା କୋହଲା ପାଗ
ଟୋପା ଟୋପା କାକର
ଭିଜି ଭିଜି ଯାଏ ସବୁ ମନ ଆଉ ଶରୀର
ମଞ୍ଜଥରା ଶୀତ ଦଶ ଡିଗ୍ରୀ ତଳେ ପାରଦ
ଚାରିଆଡେ ହାହାକାର ଅବସାଦ ଗ୍ରସ୍ତ ମଣିଷ
ସାମ୍ନା କରି ପାରେନି ଏ ହାଡଥରା ଶୀତ
କିଏ ଶୁଏ ଦୁଗ୍ଧଫେନନିଭ ଶଯ୍ୟାରେ
ଗଭୀର ନିଦ୍ରାରେ
ଆଉ କିଏ ଥରୁଥାଏ ଥୁରୁଥୁରୁ ଶୀତରେ ।

ଥିଲାବାଲା ପାଇଁ ଶୀତ ନହୁଲି ବୟସୀ ଝିଅ
ତୁଳାର ଗଦି ରେଜେଇ କମ୍ବଳ ମଣ୍ଡନ
ଅସହାୟଙ୍କ ପାଇଁ ବୋଝ ନଳିତାର ବିଡା
ନାହିଁ କିଛି ଢାଙ୍କିବାକୁ ଛିଣ୍ଡା ଗୋଧୁଡି ସମ୍ବଳ
ବୟସାଧିକଙ୍କ ପାଇଁ କଣ୍ଟକିତ ଏ ଜୀବନ
ନିଆଁର ଉହ୍ମେଇ ଜାଳି ତତାଏ ଶରୀର
ଓଃ ଆଃ ଇସ୍ ଶବ୍ଦରେ ଢାଙ୍କେ ଛିଣ୍ଡା ଚାଦର ।

ସୁକୋମଳ ଶେଯେ ଶୋଇ କିଏ ଦେଖେ
ରଙ୍ଗ ବେରଙ୍ଗର ସୁଖସ୍ୱପ୍ନ ଅସୁମାରି
କାହାର ମୁଣ୍ଡ ଗୁଞ୍ଜିବାକୁ ନାହିଁ ସ୍ଥାନ
ଫୁଟ ପାଥ ହିଁ ଶେଷ ଆଶ୍ରା ତା'ର
ପ୍ରାକୃତିକ ଦୁର୍ବିପାକ ବଢେ ଘନ ଘନ
ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା
କରି ପାରେନି ସମାଧାନ
ଶୀତ ଆସେ ବାଘ ପରି ଝାମ୍ପ ମାରି
ଥରାଇ ଦିଏ ହାଡ ଓ ପିଞ୍ଜରା
ହାଡଭଙ୍ଗା ଶୀତେ ଥୁରୁଥୁରୁ ବୁଢା ବୁଢୀ
ମାଦଳ ପରି ବସନ୍ତି ସତେ ବେସହାରା ।

ପ୍ରାଧ୍ୟାପିକା, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଆଞ୍ଚଳିକ ମହାବିଦ୍ୟାଳୟ, ସ୍ୱାମପାଟଣା
ଜି. କେନ୍ଦୁଝର ପିନ୍ : ୭୫୮୦୩୦
ମୋ: ୯୯୩୭୨୦୯୧୩୪

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଯାଇଥିଲା

ମନୋରମା ମିଶ୍ର



ଶୀତ ଯାଇଥିଲା ବରଷେ ତଳେ ଯେ
ଆସିଲାଣି ଏବେ ଫେରି
ବିରହ ବତୁରା ପିଆସୀ ମନେ ମୋ
ମିଳନ ମହକ ଭରି ।0।

ଶିରି ଶିରି ଶୀତ ଛୁଇଁ ଛୁଇଁ ଯେବେ
ଡାକେ ମୋତେ ବାର ବାର
କାହିଁ କି କେଜାଣି ଆଗଠାରୁ ତୁମେ
ଲାଗ ବେଶି ଆପଣାର
ତୁମେ ପାଶେ ଥିଲେ ଶୀତ ସାଥେ ମୋର
ଯତି ପଡ଼ିଥାଏ ଭାରି । ୧ ।

**ଶୀତ ଯାଇଥିଲା ବରଷେ ତଳେ ଯେ**
**ଆସିଲାଣି ଏବେ ଫେରି ....**

ଗୁଣୁ ଗୁଣୁ ସୁରେ ଗାଇ ଗାଇ ଧୀରେ
ଆମରି ମନର ଗୀତ
ପ୍ରୀତିର ମଦିରା ପରସି ଦେଲାଣି
ଚଉଦିଗେ ଦେଖ ଶୀତ
ଏଥି ପାଇଁ ପରା ବରଷେ ହେଲାଣି
ଶୀତ କୁ ହେଉଛି ଝୁରି । ୨ ।

**ଶୀତ ଯାଇଥିଲା ବରଷେ ତଳେ ଯେ**
**ଆସିଲାଣି ଏବେ ଫେରି ....**

**ନୀଳାଦ୍ରି ବିହାର**
**ଭୁବନେଶ୍ୱର -୨୧**
**ମୋବାଇଲ :୯୮୬୧୫୬୮୫୩୨**

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଆସିଛି

**ଜୟଶ୍ରୀ ପଟ୍ଟନାୟକ**



ରାସ୍ତା ସାରା ବିଛେଇ  ପଡିଛି,
କାକର ଭିଜା ଫୁଲ ପାଖୁଡା
ବତୁରି ଯାଇଛି ମାଟି
କାହାର ଶୀତଳ ଛୁଆଁରେ ...

କିଏ ଆସିଛି ?

ତାକୁ ସ୍ୱାଗତ କରି ପାଛୋଟି ଆଣିବା ପୂର୍ବୁ
ଛୁଇଁ ଛୁଇଁ ଯାଉଛି ସବୁରି ଦେହ ମନକୁ
ତା ଶୀତଳ ସ୍ପର୍ଶରେ ,କୁହୁଡି ,କାକର ,
କାଲୁଆ ପବନରେ
ଶିର ଶିରେଇ ଯାଉଛି ତାଳୁରୁ ତଳିପା ।

ସେ ଆସିଲେ ତ ଦିଶିଯାଏ
ଗୋଲାପି ଓଠରେ ଦା' ପରି ଫଟା ଦାଗ
ଧାନ କିଆରୀରେ ପାକଳ ଧାନ ଶୀଶା
ନଈରେ କାଲୁଆ ପାଣି
ଉଷୁମ କମ୍ବଳ ତଳେ ଗାଢ଼ ନିଦ
ଆଉ ଲମ୍ବା ରାତିର ସପନ
ରାସ୍ତା କଡ କୁହୁଡ଼ିରେ ଲୁଚି ଯାଉଥାଏ
କେତେ ଚିହ୍ନା ମୁହଁ ।

ଦୂର ପାହାଡ଼ରୁ ପାର୍କ ଯାଏଁ ବସିଥାଏ
ଫୁଲଙ୍କର ହାଟ ..
ବଗିଚା ,ହୋଟେଲ ,ଦପ୍ତର
ସପିଙ୍ଗମଲ,ସବୁଠାରେ ହେଉଥାଏ
ରଙ୍ଗ ବେରଙ୍ଗ ଫୁଲଙ୍କର
ନବ ଯୌବନ ବେଶ
ସକାଳର କଅଁଳ ଖରା ,
ଆଉ ଶୀତ ସଂଜରେ ଆଳାପ
କଟିଯାଏ ଛକରେ ଥିବା ଚା' ଖଟିରେ ।

ସିଏ ଆସିଲେ ତ ମନେ ପଡ଼ିଯାଏ
ଓଦା ଓଦା ସ୍ମୃତିର କଥା
ମନ ସିଲଟରେ ଲେଖି ହୋଇଯାଏ
ନୂଆକରି ଜୀବନ ଗଢୁଥିବା
 ଜୀବନ ସାଥି କଥା
କେବେ ମନପକ୍ଷୀ ବିନା
 ଜୀବନ ଜିଇଁ ବାର କଥା
ସାରା ବିପଣିରେ ଲାଗିଥାଏ
 ସୁଇଟର ,ସାଲ,କମ୍ବଳ ,
ମଫଲର ର ମେଳା ।

ଚୁପ ! ଶୀତ ଆସିଛି ।
ସହର ସାରା ଏବେ ଚର୍ଚ୍ଚା ଚାଲିଛି
କାଳେ ସହରରୁ ନିରୁଦ୍ଦିଷ୍ଟ ହୋଇ
ଗାଁ ମୁଲକରେ ତା' ପରିଚୟ ଖୋଜୁଛି ।

**ଜଟଣୀ ,ଖୋର୍ଦ୍ଧା**
**ମୋବ :୯୪୩୮୩୭୮୯୬୭**


" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଆସିଲେ..

ସୁଧିରାଜ ରାଉତ



ଶୀତ ଆସିଲେ...
ସବୁଜ କ୍ଷେତର ଶ୍ରମ ସବୁ
ସୁନା ହୋଇ ଘରକୁ ଆସେ ।
ଶୀତ ଆସିଲେ...
ବୋଉର ଗୁରୁବାର ଓଷା ପାଇଁ
ଗେଣ୍ଡୁ ଫୁଲ ନେଇ ଆସେ ।
ଶୀତ ଆସିଲେ....
ଭଉଣୀର ହାତବୁଣା ସ୍ୱିଟର ,
କମ୍ବଳ କାଢି ନେଇ
ନିଦରୁ ଉଠି ପଢ଼ିବା ପାଇଁ
ବାପାଙ୍କ ପବିତ୍ର ନିଷ୍ଠୁରତା ମନେ ପଡ଼େ ।

ସୋରିଷ, ଅଳସୀ ଫୁଲର ପାଟ ପିନ୍ଧି
ସେବତୀ ଗଭା ରେ ମାଖି
କୁନ୍ଦର ମହମହ ବାସ୍ନାରେ
ଓଠରେ କଇଁଫୁଲ ହସ ଫୁଟାଇ
ଶୀତ ତା' କୁହୁଡ଼ି ଚାଦର କାଢି କହେ
" ଜଗତ ପାଇଁ ଶ୍ରମ କରୁଥିବା
ସୂର୍ଯ୍ୟଙ୍କୁ ଏ ଯାଏଁ ଖୋଜିତ ନଥିଲ !
ଏବେ ଖୋଜୁଛ ! ହେଉ ନିଅ ।"

ସୂର୍ଯ୍ୟ ଭଳି ଅନେକ ଶ୍ରମର
ହିସାବ 'ତ ଆମେ ରଖିନୁ କେବେ !
ଶ୍ରମ ପାଇଁ ଅର୍ଥ ,
ବର୍ଷା ପାଇଁ ଛତ୍ରା, ଶୀତ ପାଇଁ କମ୍ବଳ ...
ଏଇମିତି ଏବେ ଯାଏ ହିସାବ ଆମର ।
ମୋ ଉଠିବା ପୂର୍ବରୁ ଯିଏ ଉଠେ
ମୋ ଭାବନାକୁ ନେଇ ଦିନ ତମାମ୍ ବଞ୍ଚେ
ମୋ ଶୋଇବା ପରେ ଯିଏ ଶୁଏ
ସେଇ ବୋଉ, ସେଇ ପତ୍ନୀ
କଣ ଏକ ଏକ ସୂର୍ଯ୍ୟ ନୁହଁନ୍ତି ?
ଏମିତି ବହୁ ସୂର୍ଯ୍ୟର ଶ୍ରମରେ
ଆମ ଜୀବନର ଅସ୍ତିତ୍ୱ ।

ପୁଅ ପାଇଁ ସ୍ୱିଟର କିଣୁଛି
ଶୀତ / କାମବାଲି
କୁନି ଝିଅ ହୋଇ ଠିଆ ହୋଇଗଲା
ପୁଅ, କୁନି ଝିଅ ର ସ୍ୱିଟର ନେଇ ଫେରୁଥାଏ
ସ୍ୱର୍ଗ ମୋତେ ନିକଟ ଲାଗୁଥାଏ
ଶୀତ ଏମିତି ଅପୂର୍ବ ସୁଯୋଗ ସବୁ ଦିଏ ।

ଅନେକ ଥର ଶୀତ କୋଟ୍ ରେ
ପକେଟ୍ ଭର୍ତ୍ତି ଚକଲେଟ୍ ଭରି
ସାନ୍ତାକ୍ଲାସ ହୋଇଛି ,
ଚର୍ଚ୍ଚର ଘଣ୍ଟା ଶୁଣି , କମ୍ବଳର ଉଷ୍ମ ପିଂଙ୍ଗି
କାକର ଭିଜା ରାତିରେ
ପ୍ରେମକୁ ଖୋଜି ନୟାନ୍ତ ହୋଇଛି
ଶୀତ ଏମିତି ଅପୂର୍ବ ସୁଯୋଗ ସବୁ ଦିଏ ।

ଶୀତ ଆଣିଥିବା
ପୋଇ ମଞ୍ଜିର ରଙ୍ଗରେ
ଦିନେ ସ୍କୁଲ୍ କାନ୍ଥର କାନଭାସ୍ ରେ
ପ୍ରେମିକାର ନାଁ ଲେଖି
ପ୍ରେମର ଠିକଣା ଦେଇଥିଲି ;
ଏବେ ଶୀତ ମୋତେ
ଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ଦେହ ଦେଖାଇ
ପଚାରୁଛି - କୁହ ପ୍ରେମ କଣ ?
ମୋତେ ଏବେ
ନୂଆ ବର୍ଷ ଭୋଜିକୁ ଡାକନାହିଁ !
ମୁଁ ଏବେ ଶୀତ ସହ
ସୂର୍ଯ୍ୟ, ଖ୍ରୀଷ୍ଟଙ୍କ ସହାୟତାରେ
ମୋ ଛାତି ତଳେ
ପ୍ରେମର ପାଦ ଚିହ୍ନ ଚିତ୍ର ଆଙ୍କୁଛି ।

ନବରଙ୍ଗପୁର
ଓଡିଶା

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# "ଶୀତ "ର ଦୁଇଟି ସ୍କେଚ୍ ....



ରତିକାନ୍ତ ଦୁବେ

**ସ୍କେଚ୍-୧**

............

ଶୀତ ଏକ ମିଠା ଜହ୍ନ ରାତ୍ରୀ ଅନ୍ଧାରର
ଶୀତ ଏକ ନଷ୍ଟ ଚିତ୍ର ବିବର୍ଣ୍ଣ ପାଣ୍ଡୁର
ଶୀତ ଏକ ଝୋଟି ଚିତା ମାସ ମାର୍ଗଶିର
ଶୀତ ଏକ ମ୍ଲାନ ଭଙ୍ଗା ଦୀନ ଦରିଦ୍ର ର
ଶୀତ ଏକ ଉଷ୍ମ ନିଦ୍ରା ପାହାନ୍ତି ରାତ୍ରିର
ଶୀତ ଏକ ଗୋପନ ତଥ୍ୟ ପ୍ରକୃତି ରାଣୀ ର
ଶୀତ ଏକ ପାଁସୁଳ ହାତ ମୋ ଜେଜେ ବାପାର
ଶୀତ ଏକ କୁନୀ ଝିଅ ସାରିଆ ମାଆ ର
ଶୀତ ଏକ ପ୍ରତିବାଦ ପ୍ରକୃତି ରାଣୀ ର
ଶୀତ ଏକ ଉପଲବ୍ଧି ଜୀବନ ଯୁଦ୍ଧର
ଶୀତ ଏକ ଉତ୍ତର ଖାତା ଅୟୁତ ପ୍ରଶ୍ନର
ଶୀତ ଏକ ପ୍ରଶ୍ନ ପତ୍ର ଆମ ଜୀବନର
ଶୀତ ଏକ ପ୍ରତିଶ୍ରୁତି ନୂଆ ଜୀବନର
ଶୀତ ଏକ ଶେଷ ଋତୁ ବର୍ଷ ବୟସର
ଶୀତ ଏକ ସନ୍ତକ ଯେ ନୂତନ ବର୍ଷର

**ସ୍କେଚ୍-୨**

...........

ସବୁଦିନ ଘର ପିଣ୍ଡା ରେ ଠିଆ ହୋଇ
ନିନୀ ... ବୋଲି ଚିତ୍କାର କରି
ମୋତେ ବିରକ୍ତ କରୁଥିବା ତା
ଡାହାଣ ଶିରାଳ ହାତ
ଏବେ ଆଉ ନାହିଁ...
ମେଡ଼ିକାଲ୍‌ରେ
ତା କାରଣ କୁ ନେଇ
ଏବେ ଢେର୍ ଚର୍ଚ୍ଚା ....
୧୪ ଡିଗ୍ରୀ ର ଶୀତ କୁଆଡେ
କାରଣ ଓ କାରକ ...
ଉହ୍ଲେଇ ନିଆଁ ରେ ଜଳିଗଲା
ମୁଠାଏ ଉଷ୍ମତା .. ଆଉ
ମାଗିଖିଆ ବୁଢୀର ଲମ୍ବା ହାତ ...
ହେଲେ ଶୀତ.... ! ମୋର ଖାଲି
ଗୋଟିଏ ପ୍ରଶ୍ନ ... ତମେ କାହିଁକି ଆସୁଛ ?
ବାଃ...କି ନିର୍ଲଜ ଏ
ଜାତ ଭର୍ତ୍ତି ଶୀତ ...
ଏବେ ତ ହଜିଗଲା ଭିକ ମଗା
ଥରଥର ହାତ
ଆଉ ମୁଁ ବି ଏବେ ଜାଣିଲି ଯେ
ଶୀତ ବି ଖାଇ ପାରେ
ଗରୀବ ର ଭାତ ଖିଆ ହାତ ...

ନବରଙ୍ଗପୁର

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଆସିବା ପରେ

ରାଜଲକ୍ଷ୍ମୀ ତ୍ରିପାଠୀ



ନୂଆ କରି ଶୀତ ଦେଖି
କଅଁଳ ଛୁଆ ଟି ଜକେଇଯାଏ
ମା'କୋଳ ଉଷ୍ମତା ରେ
ଜୁଳୁ ଜୁଳୁ ଆଖି ଦିଓଟି ରେ
ଲୁଚାଏ ଶୀତ କୁ ।

ଏଇତ ସକାଳ ର ଶୀତ ପରଶ।
ନିଦରୁ ଉଠିଲେଣି
ଜରି କାଗଜ ତଳେ ଶୋଇଥିବା ପିଲା ଦୁହେଁ
ଉଠି ଆସି ରାସ୍ତା କଡ଼କୁ
ବୋଲିହେଲେ ମଧୁ-ସ୍ନେହ
କଅଁଳ ଖରା ର ।

ଶୀତ ଥରାଏ
ପଞ୍ଜରା ହାଡ,
ଅଦିନିଆ ବର୍ଷା ଭିଜା
ଉଜୁଡା ଫସଲ ଦେଖି
ଶୀତ ବି ଶିତେଇ ଯାଏ ।
ଚାରିଆଡ଼େ କାଲୁଆ ପବନ
ଓଦା ଲାଗେ ଖବରକାଗଜ
କମ୍ପି ଉଠେ ହୃଦୟ
ଜାଡ଼ରେ ଜଡ଼ ପାଲଟିଥିବା
ଜୀବନ ଟି ପାଇଁ ।

ସହଜ ନୁହେଁ ଭୁଲିବା
ଜୀବନ-ବାଧକ ର
କାକରିଆ ଅନୁଭବ।
ସତେ କେତେ କଷ୍ଟ!!
ଜାଡ଼ ରୁ ଜଡ଼ ପାଲଟିବା
ପୁଣି ଜଡ଼ ରୁ ଜୀବନ ପାଇବା ।

**ଭୁବନେଶ୍ୱର**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ

ସେଠୀ କାର୍ତ୍ତିକ ଚନ୍ଦ୍ର

ଦିଗବଳୟ ର ସୀମାହୀନ ଅନ୍ତଃ ଚିରି
ଶୂନ୍ୟ ଧାରେ କେଉଁ  ଅଦୃଶ୍ୟ ନିଳୟୁ ବାହାରି
ତୁ ଖେଳିଯାଉ କୋହଲା ପବନ ସାଥେ
ଭେଟି ଦେଉ କାକର ଭିଜା ସକାଳ
 ଆଉ ସବୁରି  ଆକାଂକ୍ଷିତ
ତପନର ମୃଦୁ ଛୁଆଁ ବେଳ ।।

ଖୁବ୍ ହନ୍ତସନ୍ତ କରୁ ଲୋଳିତ ଚର୍ମକୁ
ବସ୍ତ୍ରେ ଆଭୂଷିତ ଯେତେ ହେଲେ ବି
କାଲୁଆ ପଣରେ ଜିତିଯାଉ
ସର୍ବାଙ୍ଗକୁ ସଳିଳ କରିଦେଲା ପରି
ତୋର ନିର୍ଦ୍ଦୟ ପଣକୁ ବଜାୟ ରଖୁ  ॥
ଗ୍ରାମ୍ୟ ଭୂମେ  ପଥଚାରୀ
 ଅନଳ ଚତୁଃର୍ପାଶ୍ୱେ
ଏକତ୍ରିଯା'ନ୍ତି ତୋ
ଅବୁଝା ପଣରୁ ମୁକୁଳିବା ପାଇଁ ....
କମି କମିଯାଏ ଦିନ
 ଢଳିଯାଏ  ଯେବେ ତପନ
ସନ୍ଧ୍ୟାରାଣୀ ର ଆଗମନରେ
ଚଉରା ମୂଳେ ସଞ୍ଜ ଦୀପ ଜଳେ
ବେଙ୍ଗୁଲୀ ନାନୀଟା ଦେହକୁ ଟାଙ୍କୁରି
ମନ ମାରି କ୍ଷୁଧା ବିକଳେ
ଖୋଜୁଥାଏ ଆହାର ମିଳିଯିବ କାଳେ
ତେଣେ ବୟସର ଉତ୍ତରଣେ ,
ବୃଦ୍ଧା ଟିଏ ଭାଳେ
କଠୋର, ନିଠୁର ତୁହି
ଦଣ୍ଡଟିଏ  ମୋ ପାଇଁ  କାଳେ ।।
ଦାରିଦ୍ର୍ୟ ର ପଞ୍ଝା ତଳେ
ଟାଆଁସିଆ ଦେହ ଆଉ ଅଲରା କେଶୀ
ବାଳାଟିଏ  ମାଆ କୋଳ ଭାଳେ
ଉପରୁ ଉହୁହୁହୁ ,
ଭିତରୁ କଁ କଁ ଉଦର ର ତାଳେ ଲୁହ ଢାଳେ,
ସୁଖେ ଟିକେ ବଞ୍ଚିବାକୁ ମନ ତା'ର
 ଅଶ୍ରୁନାହିଁ ଅଣ୍ଟାକୁ , ପେଟେ ନିଆଁ ଜଳେ  ।
ନିର୍ବାକ ତୁ କହ ଶୀତ !
 ଦୟା ନାହିଁ କି ତିଳେ !!

ଉପସଂହାରେ
ନୀରୋଗ ବାତାବରଣ  ଭେଟି ଦେଉ
ଫଳ,ଫୁଲେ  ଧରଣୀ କୁ ସଜାଇଥାଉ
ମଧୁ ଛନ୍ଦା ସୁନନ୍ଦା ତୁ ଷଡ଼ ସହୋଦରେ
ତୋ' ପରେ ଆଗମନ ଋତୁରାଜ ଧୀରେ
ପଞ୍ଚମ ତୁ ଋତୁ ଚକ୍ର ଧାରେ
ହାଡ଼ ଭଙ୍ଗା  ପ୍ରକୋପ ଘେନି ଆସୁ
ହେଲେ ବି ଶୀତ ତୁ
ଅନ୍ତେ ଭେଟି ଦେଉ ପ୍ରେମ ର ସକାଳ ଆଉ
ପିକ କୁହୂ ତାନେ ମଉଚୂତ ର ବଉଳ ।

*-ଚଉମୁଖ, ବାଲେଶ୍ୱର

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ରମ୍ୟ ଶିଶିର



**ଶୁଭେନ୍ଦୁ ସାହୁ**

ଶରତର ଶେଷେ  ଧରା ପରେ
ଉଭା  ଆଜି ରମ୍ୟ ଶିଶିର,
କୁହୁଡ଼ି ର କନ୍ତା ପିନ୍ଧି ଦିଶେ ସୁଶ୍ରୀ
ମନୋଜ୍ଞ ମନୋହର।

ଯାମିନୀରେ ଉଗ୍ର ହୁଏ  ଛୁଇଁ ଦେଇ
ମନେ ଭରେ ଶିହରଣ,
ପାହାନ୍ତି ପ୍ରହରେ  କାମିନୀ ସେ
ଲାଜେ ଲାଜେ ଯାଏ ଉଭାଇଣ।

ତପ୍ତ ତପନ ଥକିଯାଇ ଦିନେ
କଅଁଳ କିରଣ ଢାଳେ,
ଅସ୍ତ ରାଗର ପ୍ରତ୍ୟାବର୍ତ୍ତନରେ
ଦୀପ୍ତ ଦୀପାଳି ଜଳେ।

ବିରହ ବତୁରା ବଧୂଲିର ଦେହେ
ପ୍ରଣୟର ଲେପ ଲେପି,
ଅଳସୀ ପ୍ରିୟାର ଅଳସ ପଣରେ
 ଶୀତ ଖୋଜେ ତାର ଛବି ।

ରାତି ରତ ରତ କାକର ଝରା
ସବୁଜ ଘାସରେ ମୋତି ଅସରା,
ନେପାଳି ବିକାଳୀ ଶୀତ ବସ୍ତ୍ରରେ
ଶୀତ ଆସିଅଛି ଆତିଥ୍ୟ ତାରେ ।

**ଜଟଣୀ ,ଖୋର୍ଦ୍ଧା ,ଓଡିଶା**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ସର୍ଗଫୁଲ



ଦୀପକ କୁମାର ଦେ

ସମ୍ମୋହିତ ଶ୍ୟାମବନରୁ ସର୍ଗଫୁଲ ସମୀକରଣେ ,
ଶ୍ରଦ୍ଧା ସମନ୍ୱୟେ, ସବୁଜ ସେନେହ- ସଙ୍ଗୀତର ତାଳେ-
ସ୍ୱର୍ଣ୍ଣାଭ ସୋରିଷ, ସରମୀ ସୂର୍ଯ୍ୟମୁଖୀର ସମ୍ଭାଷଣେ ,
ସବୁଜ ସୁରକ୍ଷା ବଳୟେ ସରଳ ସୁନ୍ଦର ସକାଳେ-

ଶୀତ ଆସେ; ସୁନା ଫସଲର ସୁଭାଷିତ ସମ୍ମୋହନେ-
ସୂକ୍ଷ୍ମାତି ସୂକ୍ଷ୍ମ  ସ୍ପର୍ଶ ସଂକେତେ ଶୁଭଦ ସମ୍ବାଦ ନେଇ।
ସ୍ମରଣ ମୁକୁରେ ଶ୍ରୁତ ସୁଧା -ଶବ୍ଦ-ଶକ୍ତି-  ଶୁଷ୍କ ପ୍ରାଣେ-
ସୂର୍ଯ୍ୟସ୍ନାତ ସମ୍ଭାରେ , ସ୍ଖଳିତ ଶିଶିରର ସାହାନାଇ ।

ଶୋଭାକର ସୌନ୍ଦର୍ଯ୍ୟ ଭଣ୍ଡାରେ ଶାନ୍ତ ସୁଧାଂଶୁ କିରଣେ,
ଶ୍ୱେଦମୁକ୍ତ ଶ୍ୱେତବସ୍ତ୍ରେ ଶୀତ ଆସେ ଶଂଖ-ବତୀ ମେଳେ-
ସୁବେଶେ ସଜ୍ଜିତ ସଦ୍-ଭାବ, ସତକାର୍ ସ୍ୱାଭିମାନେ ,
ସରୋଜ ସୌରଭେ ସାଇ-ପଡିଶାଙ୍କ ସମ୍ମିଳିତ ସ୍ୱରେ ।

ସନ୍ତୁଷ୍ଟ ନୟନେ ଶୁଣରେ ସୁମନ- ସଂପ୍ରୀତିର ସମାଗମ-
ସିଞ୍ଚିବାକୁ ହେବ ଶାଶ୍ୱତ- ସ୍ପନ୍ଦନ -ଶ୍ରୀମୟ  ସ୍ଫୁରଣ ।

ଅନୁଗୋଳ ,ଓଡିଶା ।

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଶୀତ ପାଇଁ ପଦେ....

ବିଦେଶୀ ଭଞ୍ଜ

ଜୀବନ ସ୍ୱପ୍ନକୁ ଛୁଏଁ କିଏ ଅନୁକ୍ଷଣେ
ଶ୍ୟାମଳ ପ୍ରକୃତି ଦେହ ଭିଜେ ଶିହରଣେ
ଇଚ୍ଛା ଜାଗି ଉଠେ ଆନ୍ଦୋଳିତ ହୁଏ ମନ
ଶୀତ ତୁମ ସ୍ପର୍ଶେ ପଲ୍ଲବିତ ଏ ଜୀବନ ।

ଶୀତୁଆ ପବନ ତନ୍ମୟ ଜଗାଏ ଦେହେ
ଆବେଗେ ପରାଣ ଉଲ୍ଲସିତ ହୋଇଯାଏ
ମୁଗ୍ଧ ଅନୁଭବ ରସାଣିତ କରେ ପ୍ରାଣ
କବିତା ବତୁରା ଭିଜା ଭିଜା ଏଇ ମନ ।

ଶୀତ ଚୁମିଯାଏ ଧରଣୀର ଅଙ୍ଗେ ଅଙ୍ଗେ
ମନ ଖୋଜେ କା'ରେ ପ୍ରଣୟର ସିକ୍ତ ରଙ୍ଗେ
ସେ ମଧୁ ଲଗ୍ନରେ ଫୁଟେ କେତେ ନୀଳ କଇଁ
ବଞ୍ଚିବାର ସ୍ୱାଦ ଉନ୍ମାଦନା ଭରେ ତହିଁ ।

କୁହୁଡି ଚାଦର ଘୋଡି ହୋଇ ତୁମେ ଆସ
ଶୀତ ସକାଳରେ ମିଠା ମିଠା ତୁମ ସ୍ପର୍ଶ

**ଭୁବନେଶ୍ୱର**

" ଶିଶିରେ ସୃଜନ ସମ୍ଭାର "

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ମୋ ପିଲାଦିନ ଶୀତ

ବାଉରିବନ୍ଧୁ ଲେଙ୍କା



ଆସିଗଲେ ଶୀତଦିନ
ମନେପଡେ ପିଲାଦିନ
ଧୁନିଲଗା ନିଆଁପୁଆଁ
ଆଉ କେତେ କଥାମାନ ॥

ଆମ ସାଇ ପୂର୍ବ ପଟେ
ଥିଲା ଏକ ଆମ୍ବଗଛ
ସକାଳ ଖରାଟା ସେଠି
ପଡୁଥିଲା ହୋଇ ସ୍ଵଚ୍ଛ ॥

ଆମେ ସବୁ ପିଲାମାନେ
ଖରା ପୁଆଁଇବା ପାଇଁ
ସକାଳୁ ସକାଳୁ ଉଠି
ବସୁଥିଲୁ ସେଠି ଯାଇ ॥

ପାଖ ବାଉଁଶ ବୁଦାରୁ
ଶୁଖିଲା କରଡି କଣି
ଶୁଖିଲା ଆମ୍ବ ପତର
ଆଣି କରୁଥିଲୁ ଧୁନି ॥

ବାଉଁଶଗଛରୁ ଆମେ
ଭାଙ୍ଗୁଥିଲୁ ଦାନ୍ତକାଠି
ଦାନ୍ତଘଷି ସାରି ସେଠି
ଖେଳୁଥିଲୁ ଗୁଲିବାଟି ॥

ସକାଳୁ ପଢିବା ପାଇଁ
ନଥିଲା କାହାରି ଚାପ
ଖେଳ ଖରାପୁଆଁ ସାରି
କରୁଥିଲୁ ମଜାଗପ ॥

ନଳୁଆ କେଳାଙ୍କ ଦଳ
ସେହି ଆମ୍ବଗଛ ମୂଳେ
ରହୁଥିଲେ ପ୍ରତିବର୍ଷ
ଆସି ଏହି ଶୀତ କାଳେ ॥

ସେମାନଙ୍କ ବଙ୍କା ଟେଢା
କଥା ଶୁଣି ଲାଗେ ମଜା
ତାଙ୍କ ପାଖେ ବସି କଥା
ହେଉଥିଲେ ଆମ ଅଜା ॥

କେଳୁଣୀମାନେ ଯାଆନ୍ତି
ଗାଆଁକୁ ପସରା ନେଇ
ପସରାରେ ମନୋହରି
ଜିନିଷମାନ ସଜେଇ॥

ନଳ ଧରି କେଳାମାନେ
ଯାଆନ୍ତି ଚଢେଇ ମାରି
ଅନ୍ଧାର ହେବା ପୂର୍ବରୁ
ଆସନ୍ତି ସେଠାକୁ ଫେରି ॥

ସଂଜ ଆସିବା ପୂର୍ବରୁ
ଦିନ ଯାଉଥାଏ ଗଡି
ମୁଢି ଆଉ ମୁଆଁ ଧରି
ଆସେ ଗୁଡିଆଣୀ ବୁଢି ॥

ମୁଢି ମୁଆଁ ଖାଇବାକୁ
ବୋଉ ପାଖେ କରୁ ଅଳି
କିଣିଦିଏ ବୋଉ ମୁଢି
ଧାନ କି ବିରି ବଦଳି ॥

ପୁଷ ଆଉ ମାଘ ମାସ
ହେଉଥିଲା ଭାରି ଜାଡ
ବୁଢା ବୁଢୀଙ୍କର କାଳ
ଭାଙ୍ଗିଦେଉଥିଲା ହାଡ ॥

କମ୍ବଳ ଅବା ରେଜେଇ
ନଥିଲା ସବୁରି ଘରେ
କାମ  ଚଳି ଯାଉଥିଲା
ମସିଣା ଆଉ ହେଁସରେ ॥

ଆଜି ପରି ସେ କାଳରେ
ନଥିଲା ପାଖରେ ଧନ
ଅଭାବ ଥାଇ ବି ଘରେ
ଖୁସି ରହୁଥିଲା ମନ ॥

ଶୀତ ଦିନ ପ୍ରତିବର୍ଷ
ଆସେ ଯାଏ ଏହିପରି
ହେଲେ ମୋର ପିଲା ଦିନ
ଆସୁନି ତ ଥରେ ଫେରି ॥
****

ମୋବାଇଲ
:୯୮୫୩୫୩୫୮୪୪

" ଶିଶିରେ ସୃଜନ ସମ୍ଭାର "